ମଧୁମିତା ଦାସ ଏବଂ ଅନ୍ୟମାନେ

ବନାମ

ଓଡ଼ିଶା ରାଜ୍ୟ ଏବଂ ଅନ୍ୟମାନେ

(ଆଜ୍ଞାଦେଶ ଆବେଦନ (ଦେୱାନୀ) ସଂଖ୍ୟା 254/2008)

ଜୁନ୍ 11, 2008

**[ଡ଼. ଅରିଜିତ ପଶାୟତ ଏବଂ ପି. ପି. ନାଓଲେକର, ନ୍ୟାୟମୂର୍ତ୍ତି ଦ୍ୱୟ]**

*ନ୍ୟାୟପାଳିକା :*

*ଉଚ୍ଚତର ନ୍ୟାୟିକ ସେବା-ଅତିରିକ୍ତ ଜିଲ୍ଲା ବିଚାରପତି ପଦ ପାଇଁ ପ୍ରତ୍ୟକ୍ଷ ନିଯୁକ୍ତି-ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଜାରି କରାଯାଇଥିବା 16ଟି ପଦବୀ ପାଇଁ 2008 ର ବିଜ୍ଞାପନ ସଂଖ୍ୟା 1 – ତ୍ୱରିତ ନିର୍ଦ୍ଧାରିତ ଫଇସଲା ଅଦାଲତ ଭାବେ କାର୍ଯ୍ୟ କରିବା ପାଇଁ ନିଯୁକ୍ତ 9 ଜଣ କାମଚଳା ଅତିରିକ୍ତ ଜିଲ୍ଲା ବିଚାରପତିଙ୍କ ଦ୍ୱାରା ସର୍ବୋଚ୍ଚ ନ୍ୟାୟାଳୟରେ ଆଜ୍ଞାଦେଶ ଆବେଦନ *-ନିର୍ଣ୍ଣୟ ନିଆଗଲା : ବିଜ୍ଞାପନ ଅନୁଯାୟୀ ଚୟନ ପ୍ରକ୍ରିୟା ଜାରି ରହିପାରେ, କିନ୍ତୁ ଏହା କେବଳ 7ଟି ପଦବୀ ସମ୍ବନ୍ଧରେ ହେବ ଏବଂ ଆବେଦନକାରୀମାନଙ୍କ ଦ୍ୱାରା ଧାରଣ କରାଯାଇଥିବା 9ଟି ପଦବୀ ସମ୍ବନ୍ଧରେ ନୁହେଁ-ଆବେଦନକାରୀମାନେ ଉଚ୍ଚ ନ୍ୟାୟାଳୟଙ୍କର ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହି ପଦବୀରେ ରହିବେ- ଏହା ସ୍ପଷ୍ଟ କରାଯାଇଛି ଯେ ଯେତେବେଳେ ନିୟମିତ ଖାଲି ପଦବୀ ସୃଷ୍ଟି ହେବ, ଆବେଦନକାରୀମାନଙ୍କ ମାମଲା ଉଚିତ ଭାବରେ ବିଚାରକୁ ନିଆଯିବ - ଜିଲ୍ଲା ବିଚାରପତି ଶ୍ରେଣୀରେ ନିଯୁକ୍ତି ପାଇଁ ଉଦ୍ଦିଷ୍ଟ କୌଣସି ପରୀକ୍ଷାରେ ସେମାନଙ୍କୁ ହାଜର ହେବାର କୌଣସି ଆବଶ୍ୟକତା ରହିବ ନାହିଁ ।*

** ବ୍ରିଜ ମୋହନ ଲାଲ ବନାମ ଭାରତ ସଂଘ ଏବଂ ଅନ୍ୟମାନେ.* **(2002 (5) ଏସ. ସି. ସି. 1- ଉଲ୍ଲେଖ କରାଗଲା ।**

ଦେୱାନୀ ମୂଳ ଅଧିକାରିତା : ଆଜ୍ଞାଦେଶ  ଆବେଦନ (ଦେୱାନୀ) ସଂଖ୍ୟା 254/2008

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ

ସହିତ

ଡବ୍ଲ୍ୟୁ. ପି. (ସି) ସଂଖ୍ୟା 254/2008

ଆବେଦନକାରୀମାନଙ୍କ ପାଇଁ ଉଦୟ ୟୁ. ଲଳିତ, ରଚନା ଶ୍ରୀବାସ୍ତବ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା ।

ବିଜ୍ଞପ୍ତି ଜାରି

ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଜାରି କରାଯାଇଥିବା 2008 ର ବିଜ୍ଞାପନ ସଂଖ୍ୟା 1 କୁ ଆପତ୍ତି କରି ଏହି ଆଜ୍ଞାଦେଶମାନ ଆବେଦନ କରାଯାଏ । ଆବେଦନକାରୀମାନଙ୍କୁ *ବ୍ରିଜ୍ ମୋହନ ଲାଲ ବନାମ ଭାରତ ସଂଘ ଏବଂ ଅନ୍ୟମାନେ ମାମଲା* (2002 (5) ଏସ. ସି. ସି. 1)ରେ ଏହି ନ୍ୟାୟାଳୟଙ୍କର ରାୟ ଅନୁଯାୟୀ କାମଚଳା ଅତିରିକ୍ତ ଜିଲ୍ଲା ବିଚାରପତି ଭାବେ କାର୍ଯ୍ୟ କରିବାକୁ ଚୟନ କରାଯାଇଛି । ଏହି ଦୁଇଟି ଆଜ୍ଞାଦେଶ ଆବେଦନରେ, ଆବେଦନକାରୀମାନଙ୍କ ଅଭିଯୋଗ ଯେ ବିଜ୍ଞାପିତ 16ଟି ପଦବୀ ମଧ୍ୟରୁ  ବର୍ତ୍ତମାନ ସେମାନଙ୍କଦ୍ୱାରା ଧାରଣ କରାଯାଇଥିବା 9ଟି ପଦବୀ ମଧ୍ୟ ରହିଛି । ଏହା ଦର୍ଶାଯାଇଛି ଯେ ବିଜ୍ଞାପନରେ ସ୍ଥିର ହୋଇଥିବା ଯୋଗ୍ୟତା ମାନଦଣ୍ଡ ବର୍ତ୍ତମାନର ଆବେଦନକାରୀମାନଙ୍କୁ ବାଦ୍ ଦିଏ । ପ୍ରଥମତଃ, ସେମାନଙ୍କ ମଧ୍ୟରୁ କେତେକଙ୍କ ସର୍ବାଧିକ ବୟସ  45 ବର୍ଷରୁ ଅଧିକ ଏବଂ ଦ୍ୱିତୀୟତଃ, ନ୍ୟାୟିକ ଅଧିକାରୀ ହୋଇଥିବାରୁ ସେମାନେ ବାର୍ ସଦସ୍ୟ ପାଇଁ ବିଜ୍ଞାପନ ଦିଆଯାଇଥିବା ପଦବୀ ପାଇଁ ଆବେଦନ କରିପାରିବେ ନାହିଁ । ଏହା ମଧ୍ୟ ସୂଚିତ କରାଯାଇଛି ଯେ ବ୍ରିଜ ମୋହନଙ୍କ ମାମଲାରେ (ଉପରୋକ୍ତ) ଏହି ନ୍ୟାୟାଳୟଙ୍କ  ଦ୍ୱାରା ପାରା -10, ନିର୍ଦ୍ଦେଶ ସଂଖ୍ୟା 4 ରେ ଯାହା କୁହାଯାଇଛି, ତାହା ଅନୁଯାୟୀ, ସେମାନଙ୍କୁ ତ୍ୱରିତ ନିର୍ଦ୍ଧାରିତ ଫଇସଲା ଅଦାଲତଙ୍କର (କାମଚଳା ପଦବୀରେ) ଏବଂ ତା 'ପରେ, ତ୍ୱରିତ ନିର୍ଦ୍ଧାରିତ ଫଇସଲା ଅଦାଲତ କାର୍ଯ୍ୟ ବନ୍ଦ କରିବା ପରେ ଉପଲବ୍ଧ ନିୟମିତ ପଦବୀ ରେ ସେମାନଙ୍କ  ନିଯୁକ୍ତି ଅବ୍ୟାହତ ରଖାଯିବ । ସେମାନଙ୍କର ସନ୍ତୋଷଜନକ କାର୍ଯ୍ୟଦକ୍ଷତା ଉପରେ ନିର୍ଭର କରି ସେମାନଙ୍କ ମାମଲା ବିଚାରକୁ ନିଆଯିବ । ସେମାନଙ୍କର ଆଭିମୁଖ୍ୟ ହେଉଛି ଯେ ସେମାନେ ସମୟକ୍ରମେ କାର୍ଯ୍ୟ ଜାରି ରଖିଛନ୍ତି । ସ୍ପଷ୍ଟତଃ, ସେମାନଙ୍କର କାର୍ଯ୍ୟଦକ୍ଷତା ସନ୍ତୋଷଜନକ ଥିଲା । ବର୍ତ୍ତମାନ, ଆମେ ସେହି ପ୍ରଶ୍ନକୁ ନେଇ ଚିନ୍ତିତ ନାହୁଁ, ଯାହାର ପ୍ରାସଙ୍ଗିକତା କେବଳ ସେଗୁଡ଼ିକର ଅନ୍ତର୍ଭୁକ୍ତ ଉପରେ ବିଚାର କରିବା ସମୟର ନିୟମିତ ଶୂନ୍ୟସ୍ଥାନ ସମ୍ବନ୍ଧରେ ଥାଏ । ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ ଉଦୟ ୟୁ. ଲଳିତଙ୍କ ଦ୍ୱାରା ଏହା ଉପସ୍ଥାପନ ହୋଇଛି ଯେ କାର୍ଯ୍ୟଦକ୍ଷତାକୁ ଆକଳନ କରିବା ସମୟରେ, ଭିନ୍ନ ମାପକାଠି ପ୍ରୟୋଗ କରାଯାଇପାରିବ ନାହିଁ, ଅର୍ଥାତ୍ ଅନ୍ୟ ଉତ୍ସ ଯେପରିକି ନ୍ୟାୟିକ ଅଧିକାରୀଙ୍କ ମଧ୍ୟରୁ ନିଯୁକ୍ତ ଅବେଦନକରିମାନଙ୍କ କାର୍ଯ୍ୟଦକ୍ଷତାକୁ ବିବେଚନା କରିବା ସମୟରେ ସେହି ସମାନ ମାନଦଣ୍ଡ ଗ୍ରହଣ କରିବାକୁ ପଡିବ । ଏହି ଉପସ୍ଥାପନରେ ଆମେ ମଧ୍ୟ

ସାରମର୍ମ ପାଉ । ତେଣୁ, ଆମେ ନିର୍ଦ୍ଦେଶ ଦେଉ ଯେ 2008ର ବିଜ୍ଞାପନ ସଂଖ୍ୟା 1 ଅନୁଯାୟୀ ଚୟନ ପ୍ରକ୍ରିୟା ଜାରି ରହିପାରିବ, କିନ୍ତୁ ତାହା କେବଳ 7ଟି ପଦବୀ ସମ୍ବନ୍ଧରେ ହେବ, ଏବଂ ବର୍ତ୍ତମାନ ଆବେଦନକାରୀମାନେ ଥିବା 9ଟି ପଦବୀ ସମ୍ବନ୍ଧରେ ନୁହେଁ । ଏହା ଦର୍ଶାଯାଏ ଯେ ବିଜ୍ଞାପନ ବିଜ୍ଞାପିତ ହେବା ପରେ ଉଚ୍ଚ ନ୍ୟାୟାଳୟ ପର୍ଯ୍ୟାପ୍ତ ସଂଖ୍ୟକ ମାମଲାର ସମାଧାନ ନ ହୋଇଥିବା ସମ୍ବନ୍ଧରେ କେତେକ ଚିଠି ଜାରି କରିଛନ୍ତି । ମାମଲାଗୁଡ଼ିକର ପର୍ଯ୍ୟାପ୍ତ ସମାଧାନ କାହିଁକି ହୋଇପାରିଲା ନାହିଁ ବୋଲି ଆବେଦନକାରୀମାନେ କାରଣ ଦର୍ଶାଇଛନ୍ତି । ଏଠାରେ କହିବା ଅନାବଶ୍ୟକ ଯେ , ନିୟମିତ ଭାବେ ନିଯୁକ୍ତି ପାଇଁ ସେମାନଙ୍କ ଉପଯୁକ୍ତତାର ବିଚାର କରିବା ସମୟରେ ଉଚ୍ଚ ନ୍ୟାୟାଳୟ ଉତ୍ତରରେ ନିଆଯାଇଥିବା ଆଭିମୁଖ୍ୟ ଉପରେ ବିଚାର କରିବେ । ଆବେଦନକାରୀମାନେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହି ପଦବୀରେ ରହିବେ, ଯେଉଁଥିପାଇଁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଆବଶ୍ୟକ ଆଦେଶ ପାରିତ ହେବ । ଏହା ସ୍ପଷ୍ଟ କରାଯାଇଛି ଯେ ଯେତେବେଳେ ନିୟମିତ ଖାଲି ପଦବୀ ସୃଷ୍ଟି ହେବ, ଆବେଦନକାରୀମାନଙ୍କ  ମାମଲା ଉଚିତ ଭାବରେ ବିଚାରକୁ ନିଆଯିବ । ଜିଲ୍ଲା ବିଚାରପତି ଶ୍ରେଣୀରେ ନିଯୁକ୍ତି ପାଇଁ ଉଦ୍ଦିଷ୍ଟ କୌଣସି ପରୀକ୍ଷାରେ ସେମାନଙ୍କୁ ହାଜର ହେବାର କୌଣସି ଆବଶ୍ୟକତା ରହିବ ନାହିଁ ।

2008 ମସିହା ସେପ୍ଟେମ୍ବର ମାସର ପ୍ରଥମ ସପ୍ତାହରେ ଏହି ବିଷୟଗୁଡ଼ିକୁ ତାଲିକାଭୁକ୍ତ କରନ୍ତୁ ।

ଇତି ମଧ୍ୟରେ, ଯଦି ପ୍ରତିଆରୋପ ଏବଂ ପୁନର୍ବାର ସତ୍ୟପାଠ ଥାଏ, ତାହା ଦାୟର କରାଯିବ ।

ଆର୍. ପି.

## <u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ତୁଷାର କାନ୍ତ ଗୋଛି,

ଅନୁବାଦକ,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।